## ସଂକ୍ଷେପରେ

### ଗଞ୍ଜାମର ୨୨ ବ୍ଲକରେ ହେବ ଷ୍ଟାଡିୟମ, ଜାଗା ଚିହ୍ନଟ ପାଇଁ ନିର୍ଦ୍ଦେଶ

ଛତ୍ରପୁର, ଦିଲ୍ଲୀପ ସାମଲ ୧୨।୨:

ରାଜ୍ୟରେ ସମସ୍ତ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ କ୍ୟାବିନେଟ ମଞ୍ଜୁରି ମିଳିଛି । ଏନେଇ ବୁଧବାର ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ କ୍ରୀଡା ସଚିବ ଭିସି ମାଧମରେ ଯୋଡିହୋଇ ଗଞ୍ଜାମ ଜିଲାରେ ଥିବା ୨୨ଟି ବ୍ଲକ ପାଇଁ ୨୨ଟି ଜାଗା ଚିହ୍ନଟ କରିବାକୁ ଜିଲାପାଳଙ୍କୁ କହିଛନ୍ତି । ପ୍ରତ୍ୟେକ ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୧୦ରୁ ୧୫ ଏକର ଜମି ଚିହ୍ନଟ କରିବାକୁ କୁହାଯାଇଛି। ପ୍ରତି ଷ୍ଟାଡିୟମ ପାଇଁ ଆନୁମାନିକ ୧୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି । ତୃଣମୂଳ ସ୍ତରରେ ଗ୍ରାମୀଣ ସ୍ତରରେ କ୍ରୀଡା ଭିତ୍ତିଭୂମି ସୃଷ୍ଟି କରିବା, ଆନ୍ତର୍ଜାତିକସ୍ତରୀୟ କ୍ରୀଡାବିତ ସୃଷ୍ଟି କରିବା, ଅଧିକ କ୍ରୀଡା ପ୍ରତିଯୋଗିତାମାନ ଆୟୋଜନ କରିପାରିଲେ ନୁଆ କ୍ରୀଡାବିତ ସୃଷ୍ଟି ହେବେ। ଷ୍ଟାଡିୟମରେ ଫୁଟବଲ, କ୍ରିକେଟ ପଡିଆ, ଖୋ ଖୋ, କବାଡି କୋର୍ଟ, ଜମ୍ପ ଫିଲ୍ଡସହ ଆଥଲେଟିକ ଟ୍ରାକ, ଇନଡୋର ହଲ ନିର୍ମାଣ, ଟେବୁଲ ଟେନିସ ଆଦି ଖେଳର ସୁବିଧା ରହିବ । ତୁରନ୍ତ ପ୍ରତି ବ୍ଲକରେ ଆବଶ୍ୟକୀୟ ଜାଗା ଚିହ୍ନଟ କରି ରିପୋଟ ପ୍ରଦାନ କରିବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ କୁହାଯାଇଛି । ଭିସି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସିତାଂଶୁ କୁମାର ଭୋଇ,ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ବାଙ୍କେଶ୍ୱରୀ ଘାଟିରେ ଦୁର୍ଘଟଣା, ଅଟୋ ଓଲଟି ୨ ଗୁରୁତର

ଦିଗପହଣ୍ଡି,୧୨।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ କେରାଣ୍ଡିମାଳ ପର୍ବତ ଶିଖରରେ ଥିବା ମା' ନିଜ ବାଙ୍କେଶ୍ୱରୀଙ୍କ ଘାଟିରେ ବୁଧବାର ଅପରାହ୍ନରେ ଏକ ଡାଲା ଅଟୋ (ନଂ. ଓଡ଼ି ୩୨ ଏଫ୍ ୧୦୩୬) ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୨ ଜଣ ଗୁରୁତର ଆହାତ ହୋଇଛନ୍ତି। ଆହାତ ଦ୍ୱୟ ହେଲେ ଗଞ୍ଜାମ ଜିଲା ଆସିକା ଥାନା ପଡାଳ ଜୟପୁର ଗ୍ରାମର ଦେବରାଜ ଲେଙ୍କା ଏବଂ ମହନ୍ତ ଲେଙ୍କା। ମନ୍ଦିରରେ ପୂଜାର୍ଚ୍ଚନା ଓ ଭୋଜି ଖାଇ ଡାଲା ଅଟୋ ପଛରେ ବସି ଗ୍ରାମର କିଛି ବ୍ଯକ୍ତି ଘରକୁ ଫେରୁଥିବା ଅଟୋଟି ଭାରସାମ୍ଯ ହରାଇ ଘାଟିରେ ଓଲଟି ପଡିଥିଲା। ଫଳରେ ଦେବରାଜ ଓ ମହନ୍ତ ଗୁରୁତର ଆହତ ହୋଇଥିଲେ। ଅନ୍ଯ ୫ ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦିଗପହଣ୍ଡିରୁ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚିବା ସହ କର୍ମଚାରୀମାନେ ଆହତ ମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଦେବରାଜ ଲେଙ୍କା ଏବଂ ତାଙ୍କ ପଡୋଶୀ ବାପୁଜୀ ନାହାକଙ୍କ ପରିବାର ଲୋକେ ମିଶି ବାଙ୍କେଶ୍ୱରୀ ପୀଠକୁ ଯାଇ ପୂଜାର୍ଚ୍ଚନା କରି ଭୋଜି କରିଥିଲେ। ପରେ ସେଠାରୁ ଫେରିବା ବାଟରେ ଏହି ଦୁର୍ଘଟଣା ଘଟିଥିଲା।

### ବାଲି ଲୋକନାଥ ମନ୍ଦିର ପରିଦର୍ଶନ କଲେ ବିଧାୟକ

ଗଞ୍ଜାମ,୧୨।୨(ବିଦ୍ୟାଧର ସାହୁ)

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ବୁଧବାର ଗଞ୍ଜାମ ବ୍ଲକ କାଇଞ୍ଚପୁର ସ୍ଥିତ ପ୍ରସିଦ୍ଧ ବାଲିଲୋକନାଥ ମନ୍ଦିର ପରିଦର୍ଶନ କରିଥିଲେ। ପୂର୍ବରୁ ଅପେକ୍ଷାରତ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ମନ୍ଦିରକୁ ପାଛୋଟି ନେଇଥିଲେ। ମନ୍ଦିରରେ ପହଞ୍ଚିବା ପରେ ବିଧାୟକ ଠାକୁର ଦର୍ଶନ କରିବା ସହ ମନ୍ଦିର ପାରିପାର୍ଶ୍ୱ ବୁଲି ଅନୁଧ୍ୟାନ କରିଥିଲେ। ବହୁତ ପୁରାତନ ଶୈବ ପୀଠ ହୋଇଥିଲେ ମଧ ନାନା ସମସ୍ୟା ଥିବା ପରିଚାଳନା କମିଟି ପକ୍ଷରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରଯାଇଥିଲା। ବାଲି ତଳେ ମନ୍ଦିରଟି ପୋତିହୋଇଥିବା ଏବଂ ବାଲିରୁ ବାହାରିଥିବା ଯୋଗୁଁ ବାଲି ଲୋକନାଥ ମନ୍ଦିର ନାମରେ ନାମିତ ହୋଇଥିବା ବିଧାୟକ ଜାଣିବାକୁ ପାଇଥିଲେ। ଝାଉଁ ଜଙ୍ଗଲ ଏବଂ ମନ୍ଦିର ନିକଟରେ ଏକ ସୁନ୍ଦର ପାର୍କ ଥିବା ଯୋଗୁଁ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ତେଣୁ ପର୍ଯ୍ୟଟକ ମାନଙ୍କ ରାତ୍ର ରହଣି ନିମନ୍ତେ ଗୃହ, କଲ୍ୟାଣ ମଣ୍ଡପ ଆଦି ଆବଶ୍ୟକ ଥିବା ବେଳେ ଏହାକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ଦାବି ହୋଇଛି। ବିଧାୟକଙ୍କ ପରିଦର୍ଶନ ବେଳେ ବନଜ ନାହାକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ପ୍ଲାଣ୍ଟକୁ ଜନ ଶୁଣାଣିରେ ବିରୋଧ

ଛତ୍ରପୁର,୧୨।୨(ଦିଲୀପ ସାମଲ):

ଗଞ୍ଜାମ ଜିଲା ଗୋପାଳପୁର ପୋର୍ଟରେ ଏଲ୍ଏନ୍ଜି ଟର୍ମିନାଲ ଓ ଜେଟି ନିର୍ମାଣ ପାଇଁ ବୁଧବାର ଛତ୍ରପୁର ବ୍ଲକର କାଳିପଲ୍ଲୀ ଗାଁରେ ଆୟୋଜିତ ଜନଶୁଣାଣିକୁ ବିରୋଧ କରାଯାଇଛି। ୩ ପଞ୍ଚାୟତର ଲୋକେ କମ୍ପାନୀକୁ ବିରୋଧ କରି ଜନ ଶୁଣାଣିକୁ ଅଧାରୁ ବନ୍ଦ କରିଛନ୍ତି।

ଗୋପାଳପୁର ବନ୍ଦରଠାରେ ମେସର୍ସ ପ୍ରୋଟନେଟ ଏଲଏନଜି ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ଭାସମାନ ଷ୍ଟୋରେଜ ଏବଂ ରିଗ୍ୟାସିଫିକେଶନ ୟୁନିଟ ଆଧାରିତ ଏଲ୍ଏନ୍ଜି ଟର୍ମିନାଲ ଏବଂ ଜେଟି ନିର୍ମାଣ ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ କାଳିପଲ୍ଲୀରେ ଜନଶୁଣାଣି ହୋଇଥିଲା। ଏଥିରେ କାଳିପଲ୍ଲୀ, କଣମଣା ଓ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ଯୋଗ ଦେଇଥିଲେ। ଜନଶୁଣାଣି ଆରମ୍ଭ ହେବା ମାତ୍ରେ ଅଧିକାଂଶ ଲୋକ କମ୍ପାନୀ ବିରୋଧରେ ନିଜ ମତ ରଖିଥିଲେ। ୧୫ ଜଣଙ୍କ ମତାମତ ସରିବା ପରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣ ବୋର୍ଡ କର୍ତ୍ତୃପକ୍ଷ, କମ୍ପାନୀ ଓ ୩ ପଞ୍ଚାୟତର ଲୋକଙ୍କ ମଧ୍ୟରେ ହଇଗୋଳ ଚାଲିଥିଲା। ଫଳରେ ଜନଶୁଣାଣି ଅଧାରୁ ବନ୍ଦ ହୋଇଥିଲା। ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଛି। ଅଞ୍ଚଳରେ ପୂର୍ବରୁ କମ୍ପାନୀଗୁଡିକ ବହୁତ ଭୁଆଁ ବୁଲାଇଛନ୍ତି। ବିଶ୍ୱାସ ହେଉ ନ ଥିବାରୁ ଏହି କମ୍ପାନୀକୁ ବାତିଲ କରାଯାଉ ବୋଲି ବହୁ ନେତା ଦାବି କରିଥିଲେ । କମ୍ପାନୀରୁ ନିର୍ଗତ ବିଷାକ୍ତ ଗ୍ୟାସ ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ବହୁ ଅସୁବିଧା ଭୋଗିବେବୋଲି କହିଥିଲେ। ଯେ କୌଣସି କମ୍ପାନୀ ଜନଶୁଣାଣି ସମୟରେ ଅନେକ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ସୁଯୋଗ, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ସହ ଅନେକ ସୁବିଧା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥାନ୍ତି । କିନ୍ତୁ କମ୍ପାନୀ ହେବା ପରେ ସୁବିଧା ସୁଯୋଗ ଦେବା ଦୂରର କଥା ଗ୍ରାମବାସୀଙ୍କୁ ଅନେକ ସମସ୍ୟାରେ ପକାଇଥାନ୍ତି ବୋଲି ଅଭିଯୋଗ କରିଥିଲେ। ତେଣୁ ଯେଉଁ କମ୍ପାନୀ ହେବ ତାହାର ସବିଶେଷ ତଥ୍ୟ ଦେବା ସହ ନିଯୁକ୍ତି ସୁଯୋଗ ନେଇ ଲିଖିତ ଭାବେ ଦେବା ଓ ପଞ୍ଚାୟତର ବାସିନ୍ଦାଙ୍କ ପାଇଁ ସମସ୍ତ ପ୍ରକାରର ଆନୁସଙ୍ଗିକ ସୁବିଧା କରିବା ପରେ ତାହା ଚିନ୍ତା କରାଯିବ ବୋଲି ଉପସ୍ଥିତ ଲୋକମାନେ କହିଥିଲେ । ଜନଶୁଣାଣିରେ କଣମଣାର ପୂର୍ବତନ ସରପଞ୍ଚ ଏସ. ଚକ୍ରପାଣି ରେଡ୍ଡୀ, ଭାଜପା ନେତା ଏନ. ଦୀନବନ୍ଧୁ, କେ. ଦାସରଥୀ,ପୂର୍ବତନ ସରପଞ୍ଚ ଟି. କ୍ରିଷ୍ଣା ରେଡ୍ଡୀ, ଏମ ଦିଲ୍ଲୀପ, ଭୀମସେନ ଲଛେୟା, ଚିନ୍ତାମଣି ସାହୁ, ଚନ୍ଦ୍ରମଣି ପାତ୍ର ଓ ଜି. ରଘୁନାଥ ରେଡ୍ଡୀଙ୍କ ସମେତ ଅନେକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି କମ୍ପାନୀକୁ ବିରୋଧ କରିଥିଲେ । ଛତ୍ରପୁର ଉପ ଜିଲାପାଳ ଶିବାଶିଷ ବରାଳ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦୀପକ ସାହୁଙ୍କ ସହ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।


ଗ୍ରାମ ସଭାରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରାଯାଉଛି।

# ଟ୍ରକ୍ ଧକ୍କାରେ ବିଦ୍ୟୁତ କର୍ମଚାରୀଙ୍କ ମୃତ୍ୟୁ

## ମେଡିକାଲ ନେଲେ ପ୍ରୋବେସନାଲ ଆଇପିଏସ୍

ଛତ୍ରପୁର,୧୨।୨(ଦିଲ୍ଲୀପ ସାମଲ):

ଛତ୍ରପୁର ଥାନା ଅଧୀନ ପାଲିଆ ଛତ୍ରପୁର ଛକ ଜାତୀୟ ରାଜପଥ ପାର୍ଶ୍ୱରେ ଗାଡ଼ି ଧରି ଠିଆ ହୋଇଥିବା ଜଣେ ବିଦ୍ୟୁତ କର୍ମଚାରୀଙ୍କୁ ଟ୍ରକ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବି.ବିଘ୍ନେଶ୍ୱର ରାଓ। ବିଘ୍ନେଶ୍ୱରଙ୍କ ନିଜ ଘର ବକ୍ସିପଲ୍ଲୀ ହୋଇଥିବା ବେଳେ ସେ ପାଲିଆଛତ୍ରପୁରରେ ରହୁଥିଲେ। ଘରୁ ନିଜ ସ୍କୁଟି ଧରି ଡ୍ୟୁଟିକୁ ଆସିବା ସମୟରେ ରାସ୍ତା ପାର ହେବାପାଇଁ ଅପେକ୍ଷା କରିଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବିଘ୍ନେଶ୍ୱର ଗୁରୁତର ଅବସ୍ଥାରେ ରାସ୍ତାରେ ପଡି ରହିଥିଲେ। ବହୁ ସମୟ ପର୍ଯ୍ୟନ୍ତ କେହି ତାଙ୍କୁ ଉଦ୍ଧାର କରି ନ ଥିଲେ। ପରେ ପ୍ରୋବେସନାଲ ଆଇପିଏସ ମାନସୀ ସୌଗୁନ ଉକ୍ତ ରାସ୍ତା ଦେଇ ଆସିବା ବେଳେ ବିଘ୍ନେଶ୍ୱରଙ୍କୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବିଦ୍ୟୁତ ବିଭାଗର ଅଧିକାରୀ, କର୍ମଚାରୀ ଓ ସମ୍ପର୍କୀୟ ମାନେ ମେଡିକାଲରେ ପହଞ୍ଚିଥିଲେ।

ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଠିକ ସମୟରେ ମେଡିକାଲରେ ପହଞ୍ଚାଇ ସଠିକ ଚିକିତ୍ସା କରାଗଲେ ଏକ ମୂଲ୍ୟବାନ ଜୀବନ ବଞ୍ଚିପାରିବ। ଦୁର୍ଘଟଣାର ଏକ ଘଣ୍ଟା ଅତି ମହତ୍ୱପୂର୍ଣ୍ଣ। ଏହି ସମୟ ମଧ୍ୟରେ ଯେଉଁମାନେ ଆଗକୁ ଆସି ସହଯୋଗ କରିବେ ସେମାନଙ୍କୁ ଗୁଡ ସମରିଟାନ ଭାବେ ଦୁଇ ହଜାର ଟଙ୍କା ପୁରସ୍କାର ଦିଆଯାଇଛି। ଏନେଇ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ସଚେତନତା କରାଯାଉଛି। ହେଲେ ବିଘ୍ନେଶ୍ୱର ଦୁର୍ଘଟଣାର ଶିକାର ହୋଇ ରାସ୍ତାରେ ବହୁ ସମୟ ପଡି ରହିଥିଲେ ବି କେହି ସାହାର୍ଯ୍ୟ କରିବାକୁ ନ ଆସିବା ପରିତାପର ବିଷୟ ହୋଇଛି।

# ଭଞ୍ଜନଗର ସହରରେ ଟ୍ରାଫିକ୍ ବିପର୍ଯ୍ୟସ୍ତ


ଭେଜିପୁଟରେ ଭାରିଯାନ ପାଇଁ ଟ୍ରାଫିକ ଭିଡ଼ ହୋଇଛି।

ଭଞ୍ଜନଗର,୧୨।୨(ବାବୁଲା ପ୍ରଧାନ):

ଭଞ୍ଜନଗର ସହରର ମୁଖ୍ୟ ସଡ଼କ ପୁରୁଣା ଫାୟାର ଷ୍ଟେଶନ ଛକରୁ କଲେଜ ରୋଡ ପର୍ଯ୍ୟନ୍ତ ପ୍ରାୟ ୪ କିମି ରାସ୍ତାରେ ଅଧିକାଂଶ ସମୟ ଟ୍ରାଫିକ ସମସ୍ୟା ରହୁଛି। ସେହିଭଳି ରେଡକ୍ରସ ରୋଡ, ବାଗଦେବୀ ମନ୍ଦିର ରୋଡରେ ମଧ ଅଧିକାଂଶ ସମୟ ଭିଡ଼ ରହୁଛି। ନିର୍ଦ୍ଦିଷ୍ଟ କେତେଜଣ ବଡ ବ୍ୟବସାୟୀ ରାସ୍ତାକୁ ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ତେଣୁ ଅନେକ ସମୟରେ ଉକ୍ତ ରାସ୍ତାରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହେଉଛି । ସନ୍ଧ୍ୟାରେ ଭାରୀଯାନଗୁଡ଼ିକ ମୁଖ୍ୟ ସହର ଦେଇ ଯାତାୟାତ କରୁଛି। ଏଥିପାଇଁ ମଧ ଟ୍ରାଫିକ ସମସ୍ୟା ରହୁଛି। ଅନେକ ସମୟରେ ଆମ୍ବୁଲାନ୍ସ ବି ଭିଡ଼ରେ ଫସିଯାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

କବିସୂର୍ଯ୍ୟନଗର,୧୨।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଦଧିବାମନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରିଡ଼ା (ଏ)ପରିସରରେ ବୁଧବାର ନିପୁଣ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଡା.ନିହାରିକା ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ଭାରପ୍ରାପ୍ତ ବ୍ଲକ ଅଧକ୍ଷ ବୀରେନ୍ଦ୍ର ଖଟେଇ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଗୀତାଞ୍ଜଳି ସାହୁ, ଶିକ୍ଷାବିତ ସିମାଞ୍ଚଳ ପାଣି, ଏବିଇଓ ରବିନାରାୟଣ ବେହେରା, ବିଇଓ ଅଭିମନ୍ୟୁ ସାହୁ, କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷ ବୀରେନ୍ଦ୍ର ଖଟେଇ, ଆସିକା ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ସମିତି ସଭ୍ୟା ପ୍ରତିନିଧି ଧୀରେନ୍ଦ୍ର ସାହୁ, ଜିଲ୍ଲା ପରିଷଦ ବଳରାମ ପ୍ରଧାନ, ଶିକ୍ଷାବିତ ପ୍ରଶ୍ନ ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ନୀଳମାଧ ପ୍ରଧାନ ଓ ସିଆରସିସି ମିହିର କାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ଏଥିରେ ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବା ସହ କୃତି ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

### ଧର୍ମ ପରାୟଣ ମହିଳାଙ୍କ ପରଲୋକ

ବାଲିଗୁଡ଼ା,୧୨।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଅଞ୍ଚଳରେ ଜଣେ ଧର୍ମ ପରାୟଣା ମହିଳାଙ୍କ ପରଲୋକ ଘଟିଛି। ସେ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପ୍ରତିଷ୍ଠାତା ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନାଙ୍କ ଧର୍ମପତ୍ନୀ ମାଳତୀ ଜେନା (୭୩)। ଏନେଇ ବନବାସୀର ଅନ୍ତେବାସୀଙ୍କ ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ପୁଅ, ବୋହୂ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଦଣ୍ଡନାଚ ବହିପୂଜା

କବିସୂର୍ଯ୍ୟନଗର,୧୨।୨(କୃପାସିନ୍ଧୁ ସ୍ୱାଇଁ)

ଦଣ୍ଡନାଚ ପାଖେଇ ଆସୁଥିବା ବେଳେ ଚଳଚଞ୍ଚଳ ହେଲାଣି ଦଣ୍ଡ ଆଖଡ଼ା। ବୁଧବାର କୁମ୍ଭ ସଂକ୍ରାନ୍ତି ଅବସରରେ ପରିଡା ପୁଞ୍ଜା ମା' ଦକ୍ଷିଣ କାଳୀ ମନ୍ଦିରରେ ଦଣ୍ଡ ନାଟକ 'କହିବାକୁ ଲାଜ, ଶୁଣିଲେ ପାପ'ର ବହି ପୂଜା କରାଯାଇଛି । ମନ୍ଦିର ପୂଜାରୀଙ୍କ ଦ୍ୱାରା ମା' ଦକ୍ଷିଣ କାଳୀଙ୍କ ଠାରେ ଯଥା ରିତିନୀତି ଅନୁସାରେ ପୂଜାପାଠ ପରେ ଅଜୟ ସଙ୍କ ଲିଖିତ ଏହି ନାଟକ ବହି ଆଖଡ଼ାରେ ପହଞ୍ଚିଥିଲା । ସେଠାରେ ନାଟକ ନିର୍ଦ୍ଦେଶକ ରମାକାନ୍ତ ଆଚାର୍ଯ୍ୟ ପୂଜାପାଠ କରି ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ କଳାକାରଙ୍କୁ ନିଜ ନିଜ ଭୂମିକାର ପୁସ୍ତିକା ବଣ୍ଟନ କରିଥିଲେ। ଏହି ବର୍ଷ କୌଣସି ଅଶ୍ଳୀଳତା ନାଟକରେ ସ୍ଥାନ ପାଇବ ନାହିଁ ବୋଲି ଗଞ୍ଜାମ ନାଟକ ମହାସଂଘ ନିଷ୍ପତ୍ତି ନେଇଛି ବୋଲି ସୁବାସ ଜେନା କହିଛନ୍ତି।

# ଛେଲାଗଡ଼ରେ ସ୍ୱତନ୍ତ୍ର ଗ୍ରାମସଭା



ଗ୍ରାମସଭାରେ ଆଲୋଚନା ଚାଲିଛି।

ଆର୍.ଉଦୟଗିରି, ୧୨।୨ (ମନୋଜ କୁମାର ପାତ୍ରୀ)

ଆର୍.ଉଦୟଗିରି ବ୍ଲକର ଛେଲାଗଡ଼ ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଉପଲକ୍ଷେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଡାଳିମ୍ବ ଗମାଙ୍ଗଙ୍କ ଅଧକ୍ଷତାରେ ଗ୍ରାମସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଗ୍ରାମ ସଭାରେ ଶଶାଙ୍କ ଶେଖର ସୁବୁଦ୍ଧି ପିଇଓ, ସମିତିସଭ୍ୟା ଶିବାନୀ ବେହେରା ଦଳାଇ, ବ୍ଲକ କୋଅର୍ଡିନେଟର କାହ୍ନୁ ଚରଣ ମାଝି, ସାମାଜିକର୍ମୀ ଜଗବନ୍ଧୁ ଦାସ, ସୋଫିଆ ସ୍ୱାଇଁ ସଂଯୋଜକ ଉନ୍ନତି ପ୍ରୋଜେକ୍ଟ ଭୁବନେଶ୍ୱର ଉପସ୍ଥିତ ରହି ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଉପଲକ୍ଷେ ୫ବର୍ଷିଆ ବାର୍ଷିକ କାର୍ଯ୍ୟର ଖସଡ଼ା ପ୍ରସ୍ତୁତି ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅବଗତ କରାଇଥିଲେ। ନିର୍ବାହୀ ଅଧିକାରୀ ଏହି ନୂତନ ଯୋଜନାର ମାର୍ଗଦର୍ଶିକା ପ୍ରକାରେ ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ କିପରି ବିକାଶମୂଳକ କାର୍ଯ୍ୟ ହେବ ତାହା ଆଲୋକପାତ କରିଥିଲେ।

# ବ୍ଲକସ୍ତରୀୟ ଆଇନ ସଚେତନତା ସଭା

ଦିଗପହଣ୍ଡି,୧୨।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୁଞ୍ଜିକୟାଁ ଛକ ସ୍ଥିତ ନନ୍ଦିଘୋଷ କଲ୍ୟାଣ ମଣ୍ଡପରେ ଦିଗପହଣ୍ଡି ବ୍ଲକ ସ୍ତରୀୟ ଆଇନ ସଚେତନତା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ସମନ୍ୱିତ ଶିଶୁ ପ୍ରକଳ୍ପ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ପୁଷ୍ପାଞ୍ଜଳି ଶତପଥି ଅଧକ୍ଷତା କରିଥିଲେ। ଗଞ୍ଜାମ ଜିଲା ସମାଜ ମଙ୍ଗଳ ଅଧିକାରୀ ପଦ୍ମିନୀ ସାହୁ, ଦିଗପହଣ୍ଡି ବ୍ଲକ ଅଧକ୍ଷା ଯମୁନା ନାଇକ, ତହସିଲଦାର ଅନିତା କୁମାରୀ ସାହୁ, ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ, ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ, ବ୍ଲକ ଉପାଧକ୍ଷା ସୁକାନ୍ତି ପ୍ରଧାନ, ଏନ୍ଏସି ଅଧକ୍ଷ ପ୍ରଫୁଲ ପଣ୍ଡା, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼.ଅଶୋକ କର୍ଣ୍ଣ ଏବଂ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି ମହିଳା ସୁରକ୍ଷା ଆଇନ, ମହିଳାଙ୍କ ଅଧିକାର ଏବଂ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅତିଥି ବୃନ୍ଦ ଆଲୋକପାତ କରିଥିଲେ। ପରେ ଜିଲା ଜୁଭେନାଇଲ ଜଷ୍ଟିସ ବୋର୍ଡ ସଭ୍ୟ ଆଇନଜୀବି ଅମୀୟ କୁମାର ତ୍ରିପାଠୀ ଏବଂ କୃଷ୍ଣଚନ୍ଦ୍ର ବେହେରା ଉପସ୍ଥିତ ସଭାରେ ଉପସ୍ଥିତ ମହିଳା ମାନଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ଉପରେ ସଚେତନ କରାଇଥିଲେ।

# ୩ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ପାତ୍ରପୁର,୧୨।୨(ଉମା ଚରଣ ନେପାକ):

ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତରେ ବୁଧବାର ୩ଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପାହାଡ଼ ଶିଖର ଗାଁ ଆଙ୍କୁଲିରେ ବିଧାୟକ ପହଞ୍ଚିବା ପରେ ସ୍ଥାନୀୟ ଆଦିବାସୀଙ୍କ ସହ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ପ୍ରଥମେ ବିଧାୟକ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅନ୍ତର୍ଭୁକ୍ତ ଆଙ୍କୁଲିଠାରୁ ଧୁବାଲିଙ୍ଗି ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଶୁଭ ଦେଇଥିଲେ। ସେହିପରି ତାଡ଼କାସାହି ଠାରୁ ମାଡୁଆଗୁମା ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଏବଂ ତାଡ଼କାସାହି ଠାରୁ କରଡ଼ାବାଡ଼ି ଯାଏଁ ହେବାକୁ ଥିବା ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ୱାଇ ସଂଯୁକ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ବିତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ପୀତବାସ ନାୟକ, ଜ୍ୟୋତି ରଞ୍ଜନ ସାମଲ, ବୃନ୍ଦାବନ ସାହୁ, ଶ୍ରୀକାନ୍ତ ସାହୁ, ସତ୍ୟବାନ ସାହୁ, ବଳରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ଆଗାମୀ ଦିନରେ ପ୍ରତ୍ୟେକ ଗାଁକୁ ରାସ୍ତା ସଂଯୋଗୀକରଣ କରାଯିବ ବୋଲି କହିଥିଲେ। ଆଙ୍କୁଲି ସରପଞ୍ଚ ନମିତା ନାଇକ, ସନ୍ତୋଷ ପାତ୍ର ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଟୋକନ୍ ଅବଧି ବୃଦ୍ଧି ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ପାରଳାଖେମୁଣ୍ଡି, ୧୨।୨ (ଗିରିଧାରୀ ପରିଛା):

ଗଜପତି ଜିଲା ଗୁମ୍ମା ବ୍ଲକ ଝାମି ପଞ୍ଚାୟତ ଚାଷୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଟୋକନ୍ ଅବଧି ବୃଦ୍ଧି କରିବାକୁ ଗୁହାରି କରିଛନ୍ତି। ମଣ୍ଡି ଖୋଲିବାର ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି କିନ୍ତୁ ଧାନ କିଣାରେ ସମସ୍ୟା ଏବେ ବି ଲାଗିରହିଛି। ପ୍ରଥମେ ଧାନ ଓଦା ଥିବା କାରଣରୁ ଏଫ୍ଏକ୍ୟୁ ମାନକୁ ନେଇ ଦ୍ୱନ୍ଦ୍ୱ ପରେ ଟୋକନ୍ ସମସ୍ୟା ଆଉ ଟୋକନ୍ ପାଇବା ପରେ ଟାର୍ଗେଟ ନ ଥିବା କାରଣରୁ ଧାନ ଗ୍ରହଣ କରୁନି ମଣ୍ଡି। ଯେଉଁ ଧାନ ମଣ୍ଡିରୁ ମିଲର ପାଖକୁ ଯାଉଛି ମିଲରମାନେ ଗାଡ଼ିକୁ ଦୁଇ ତିନି ଦିନ ରଖିଲା ପରେ ଧାନ ଓହ୍ଲାଉଥିବା ଅଭିଯୋଗ କରିଛନ୍ତି ଚାଷୀ। ଗୋଟିଏ ପଟେ ଧାନର ମାନ ଓ ଅନ୍ୟପଟେ ମଣ୍ଡିର ଟାର୍ଗେଟ। ପୁଣି ମିଲରଙ୍କ ମନମୁଖି ଯୋଗୁ ଚାଷୀ ଦୁଇ ମାସରୁ ଅଧିକ ଦିନ ହେଲା ନିଜ ଅମଳ ଫସଲକୁ ଜଗି ବସିବା ସହ ଆଉ କେତେଦିନ ଲାଗିବ ପ୍ରଶାସନକୁ ଚାଷୀଙ୍କ ଧାନ କିଣା ସମସ୍ୟାର ସମାଧାନ କରିବାକୁ ବୋଲି ପ୍ରଶ୍ନ କରିଛନ୍ତି। ପୂର୍ବରୁ ବହୁବାର ଚାଷୀମାନେ ଆନ୍ଦୋଳନରତ ଥିବା ସମୟରେ ଚାଷୀଙ୍କ ଧାନ ସୁରୁଖୁରୁରେ କିଣିବା ସହ ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ଲିଖିତ ପ୍ରତିଶ୍ରୁତି ଦେଇଥିଲା ପ୍ରଶାସନ। ହେଲେ କାର୍ଯ୍ୟାନୁଷ୍ଠାନ ଦୂରର କଥା ପ୍ରତିଶ୍ରୁତି ପାଳନରେ ବି ବିଫଳ ହୋଇଛି ପ୍ରଶାସନ ବୋଲି ଚାଷୀ ମନୋଜ କୁମାର ବକ୍ସି, ବି.ମାଧବ ରାଓ, ଡି.ଶଙ୍କର ରାଓ କହିଛନ୍ତି। ଅମଳ ଧାନକୁ ବିକ୍ରି କରିପାରିବେ କି ନାହିଁ ତାକୁ ନେଇ ଏବେ ଚିନ୍ତାରେ ଅଛନ୍ତି ଚାଷୀ। ତେବେ ଯେଉଁ ଚାଷୀମାନେ ଟୋକନ ପାଇ ଧାନ ବିକ୍ରି କରିପାରିନାହାନ୍ତି ସେମାନଙ୍କ ଟୋକନ ଅବଧି ଆଉ ୧୫ ଦିନ ବୃଦ୍ଧି କରାଯିବ ବୋଲି ଜିଲାପାଳ ବିଜୟ କୁମାର ଦାସ ଆଶ୍ୱାସନା ଦେଇଛନ୍ତି ।


ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିବା ଗୁମ୍ମା ବ୍ଲକ ଝାମି ପଞ୍ଚାୟତର ଚାଷୀମାନେ।

## ସଂକ୍ଷେପରେ

### ସବ୍‌ଇନ୍ସପେକ୍ଟରସ୍ତରରେ ଅଦଳବଦଳ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ): ଦକ୍ଷିଣାଞ୍ଚଳ ରେଞ୍ଜସ୍ତରର ସବଇନ୍ସପେକ୍ଟର (ଏସଆଇ)ଙ୍କ ବଦଳି ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ୫ଟି ପୋଲିସ ଜିଲାର ୨୦ ଜଣ ଏସଆଇଙ୍କୁ ଜିଲା ପାର ଅଦଳବଦଳ କରାଯାଇଛି। ବ୍ରହ୍ମପୁର ପୋଲିସ ଜିଲାର ଦିଗପହଣ୍ଡି ଥାନାରେ କାର୍ଯ୍ୟରତ ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରା, ଗୋଳନ୍ଥରା ଥାନାର ସିଲୁ ଧଳ ଓ ଗୋଷାଣି ନୂଆଗାଁ ଥାନାର ରଶ୍ମିତା ସାସମଲ ଓ ବ୍ରହ୍ମପୁର ଟାଉନ ଥାନା ଏସ୍‌ଆଇ ରଞ୍ଜିତ ଦାଶଙ୍କୁ କନ୍ଧମାଳ ଜିଲାକୁ ବଦଳି ହୋଇଥିବା ବେଳେ ବ୍ରହ୍ମପୁର ଟାଉନ ଥାନାରେ କାର୍ଯ୍ୟରତ ବିଭୂତି ସେଠୀଙ୍କୁ ଗଜପତି ଜିଲାକୁ ପଠାଯାଇଛି। ସେହିପରି ଗଞ୍ଜାମ ପୋଲିସ ଜିଲାର ଆସିକା ଥାନାରେ କାର୍ଯ୍ୟରତ ଏସଆଇ ଅମ୍ବିକା ବେଣିଆ ଓ ସସ୍ମିତା ମଗରଙ୍କୁ ବୌଦ୍ଧ ଜିଲାକୁ ବଦଳି ହୋଇଛି। ବୌଦ୍ଧ ଜିଲାରେ କାର୍ଯ୍ୟରତ ଏସଆଇ ମନ୍ଦାକିନୀ କହଁର ଓ ସେବତୀ ନାୟକଙ୍କୁ ଗଞ୍ଜାମ ପୋଲିସ ଜିଲାକୁ ବଦଳି କରାଯାଇଛି। ସେହିପରି କନ୍ଧମାଳ ଜିଲାରେ କାର୍ଯ୍ୟରତ ଏସ୍‌ଆଇ ଚିରଞ୍ଜିବି ବେହେରା, ଆଶୁତୋଷ ଜେନା, ଆଶୁତୋଷ ପାଇକରାୟ, ସରୋଜ କୁମାର ସାହୁଙ୍କୁ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି ହୋଇଥିବା ବେଳେ ବିକାଶ କୁମାର ଜାଲି, ଲଳିତ ମୋହନ ସାଗର ଓ ସ୍ମୃତି ସାଗର ସାମଲଙ୍କୁ ଗଜପତି ପୋଲିସ ଜିଲାକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ଗଜପତି ଜିଲାରେ କାର୍ଯ୍ୟରତ ଏସଆଇ ଆଲୋକ ରଞ୍ଜନ ଜଗଦଳ, ବସନ୍ତ କୁମାର ଗୁଣ୍ଡ, ଲୋକନାଥ ବେହେରା ଓ ଡ଼ି.ଗଜପତି ରାଓଙ୍କୁ କନ୍ଧମାଳ ଜିଲାକୁ ବଦଳି କରାଯାଇଥିବା ନେଇ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟରୁ ଚିଠି ଜାରି କରାଯାଇଛି। ରାଜ୍ୟ ଗୃହ ବିଭାଗ ବିଜ୍ଞପ୍ତି ଆଧାରରେ ମଙ୍ଗଳବାର ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଉକ୍ତ ୫ଟି ଜିଲାର ବରିଷ୍ଠ ଅଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସବ ବଦଳି ଅର୍ଡର ପ୍ରକାଶ ପାଇଛି।

### ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ): ସରକାରୀ ରେଳବାଇ ପୋଲିସ (ଜିଆରପି) ଜଗନ୍ନାଥପୁର– ଲକ୍ଷ୍ମୀପୁର ଦେଇ ଯାଇଥିବା ରେଳଧାରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୫୦ରୁ ୫୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ଥାନାରେ ନଂ.୧୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ଏମ୍‌କେସିଜି ଶବ ସଂରକ୍ଷଣ ଗୃହରେ ୪ ଦିନ ଯାଏ ରଖାଯିବ ବୋଲି ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ଯୁବକ ଜଣଙ୍କ ରେଳଧାରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ମୃତକଙ୍କ ପରିଚୟ ଜାଣିବା ପାଇଁ ବିଭିନ୍ନ ଥାନାକୁ ମେସେଜ ପଠାଯାଇଛି।

## ଆସନ୍ତା ୧୮ରୁ ଯୁକ୍ତ ୨ ପରୀକ୍ଷା

# ୨୫୪ କେନ୍ଦ୍ରରେ ୮୨,୮୧୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ

### ଦକ୍ଷିଣାଞ୍ଚଳର ୮ ଜିଲାରେ ୪୭ ହବ୍

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ) ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତ ବର୍ଷର ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଅଧୀନ ୮ ଜିଲାରେ ୪୭ ପରୀକ୍ଷା ପରିଚାଳନା ହବ୍ ହେବ। ୨୫୪ ପରୀକ୍ଷା କେନ୍ଦ୍ରରେ ୮୨ ହଜାର ୮୧୪ ପରୀକ୍ଷାର୍ଥୀ ଦେବେ। ଆସନ୍ତା ୧୨ରୁ ୧୪ ତାରିଖ ମଧ୍ୟରେ ହବ୍‌ଗୁଡିକୁ ପ୍ରଶ୍ନପତ୍ର ପଠାଯିବ। ସିସି କ୍ୟାମେରା ସହ ପୋଲିସ ମୁତୟନ କରାଯିବ। ୫ସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତି କେନ୍ଦ୍ରରେ ଜିଲା ପ୍ରଶାସନର ଜଣେ ଅଧିକାରୀ ପ୍ରଶ୍ନପତ୍ର ଖୋଲାଯିବା ଓ ଉତ୍ତରପତ୍ର ସିଲ ହେବା ସମୟରେ ଉପସ୍ଥିତ ରହିବେ ବୋଲି ବ୍ରହ୍ମପୁର ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଉପସଚିବ ଡକ୍ଟର୍ କୁଳମଣି ଓଝା କହିଛନ୍ତି। ଗଞ୍ଜାମରେ ୧୬ ହବ୍ ହେବ। ଏହା ଅଧୀନରେ ୮୩ କେନ୍ଦ୍ରରେ ୩୩ ହଜାର ୧୬୪ ପରୀକ୍ଷାର୍ଥୀ



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣ ଓଡିଶା ଆଞ୍ଚଳିକ କାର୍ଯ୍ୟାଳୟ ।

ପରୀକ୍ଷା ଦେବେ। କଳାରେ ୧୮୦୮୯, ଏକ୍ସ-ରେଗୁଲାର୍ ୭୯୮, ବିଜ୍ଞାନରେ ୧୦୮୧୫, ଏକ୍ସ-ରେଗୁଲାର୍ ୯୭୩, ବାଣିଜ୍ୟରେ ୨୦୮୭, ଏକ୍ସ-ରେଗୁଲାର୍ ୧୩୪, ଧନ୍ଦାମୂଳକ ଶିକ୍ଷାରେ ୨୪୬, ଏକ୍ସ-ରେଗୁଲାରରେ ୨୨ଜଣ ଫର୍ମ ପୁରଣ କରିଥିବା ଉପସଚିବ କହିଛନ୍ତି। ଗଜପତି ଜିଲାର ୪ ହବରେ ୧୯ କେନ୍ଦ୍ର ହେବ। ୫୩୧୩ ଜଣ ପରୀକ୍ଷା ଦେବେ। କୋରାପୁଟ ଜିଲାରେ ୬ ହବ୍ ଓ ୩୧ କେନ୍ଦ୍ରରେ ୧୧୬୦୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମାଲକାନଗିରି ଜିଲାରେ ୪ ପରୀକ୍ଷା ପରିଚାଳନା ହବ ଓ ୨୨ କେନ୍ଦ୍ର ସ୍ଥାପିତ ହୋଇଛି। ୫୫୮୭ ପରୀକ୍ଷାର୍ଥୀ ପରିକ୍ଷା ଦେବେ। ନବରଙ୍ଗପୁର ଜିଲାରେ ୪ ପରୀକ୍ଷା ପରିଚାଳନା ହବ୍ ହେବାକୁ ଥିବାବେଳେ ୩୦ କେନ୍ଦ୍ର ସ୍ଥାପିତ ହୋଇଛି। ୮୧୧୫ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ରାୟଗଡ଼ା ଜିଲାରେ ୫ ପରୀକ୍ଷା ପରିଚାଳନା ହବ ଓ ୨୬ କେନ୍ଦ୍ର ସ୍ଥାପିତ ହୋଇଛି। ୮୦୫୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ବୌଦ୍ଧ ଜିଲାରେ ୩ ପରୀକ୍ଷା ପରିଚାଳନା ହବ ରହିଛି। ୧୫ ପରୀକ୍ଷା କେନ୍ଦ୍ରରେ ୩୫୬୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। କନ୍ଧମାଳ ଜିଲାର ୫ ପରୀକ୍ଷା ପରିଚାଳନା ହବ ହୋଇଥିବାବେଳେ ୨୮ କେନ୍ଦ୍ର ରହିଛି। ୭୪୧୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଗତବର୍ଷ ଠାରୁ ୨ ସପ୍ତାହ ପୂର୍ବରୁ ପରୀକ୍ଷା ହେଉଛି। ପୂର୍ବ ବର୍ଷମାନଙ୍କରେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଯୁକ୍ତ୨ ପରୀକ୍ଷା ପରିଚାଳିତ ହେଉଥିଲା। ଏ ଥର ଯଥେଷ୍ଟ ପୂର୍ବରୁ ଡିସେମ୍ବର ଶେଷ ସପ୍ତାହରେ ଆଭ୍ୟନ୍ତରୀଣ ମୂଲ୍ୟାୟନ ପରୀକ୍ଷା (ଇଣ୍ଟରନାଲ ଆସେସମେଣ୍ଟ ଏଗଜାମିନେସନ) ଓ ଜାନୁଆରୀ ପ୍ରଥମ ସପ୍ତାହରେ କ୍ରିୟାତ୍ମକ ପରୀକ୍ଷା (ପ୍ରାକ୍ଟିକାଲ ଏଗଜାମିନେସନ) ଶୃଙ୍ଖଳିତ ଭାବେ ସଂପନ୍ନ ହୋଇଛି ବୋଲି ଉପ ସଚିବ ଡ. ଓଝା କହିଛନ୍ତି।

# ସାଇବର ଠକେଇ: ଯୁବକଙ୍କ ଆକାଉଣ୍ଟରୁ ୪ ଲକ୍ଷ ଚଳୁ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ) ସାଇବର ଠକ ଗ୍ୟାଙ୍ଗ ଦିନକୁ ଦିନ ସକ୍ରିୟ ହେବାରେ ଲାଗିଛନ୍ତି। ଅନଲାଇନରେ ଗୁଗଲରୁ ୟୁକୋ ବ୍ୟାଙ୍କର ନମ୍ବର ଖୋଜିବା ବ୍ରହ୍ମପୁରର ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡିଛି । ଅନଲାଇନରୁ ମିଳିଥିବା ୟୁକୋ ବ୍ୟାଙ୍କର ନମ୍ବରରେ ଯୋଗାଯୋଗ କରି ସାଇବର ଠକଙ୍କ କବଳରେ ପଡିବା ପରେ ତାଙ୍କ ଆକାଉଣ୍ଟରୁ ସାଇବର ଗ୍ୟାଙ୍ଗ ୪ ଲକ୍ଷ ଟଙ୍କା ଚଳୁ କରିଛନ୍ତି। ଅଭିଯୋଗ ପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ନଂ.୧୩/୨୫ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳରେ ରହୁଥିବା ଅଭିଯୋଗକାରୀ ଜଣଙ୍କ ଆଜକୁ ୪ ଦିନ ତଳେ ଅନଲାଇନରେ ଗୁଗଲକୁ ଯାଇ ସେଠାରୁ ୟୁକୋ ବ୍ୟାଙ୍କ କଷ୍ଟମର କେୟାର ନମ୍ବର ଖୋଜିଥିଲେ । ଏହି ସମୟରେ ଗୁଗଲରୁ ତାଙ୍କୁ ୭୩୦୯୭୪୮୯୬୯ ମୋବାଇଲ ନମ୍ବର ମିଳିଥିଲା । ସେ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ। ଫୋନ ଉଠାଇଥିବା ବ୍ୟକ୍ତି ଜଣଙ୍କ ୟୁକୋ ବ୍ୟଙ୍କରୁ କହୁଥିବା ଜଣାଇବା ସହ ଅଭିଯୋଗକାରୀଙ୍କ ସମସ୍ୟା ଶୁଣିଥିଲା। ସେହି ସମସ୍ୟାର ସମାଧାନ ପାଇଁ ସେ ତାଙ୍କ ନିକଟକୁ ଏକ ଲିଙ୍କ ପଠାଇଥିଲା। ଅଭିଯୋଗକାରୀ ଜଣଙ୍କ ସେହି ଲିଙ୍କରେ କ୍ଲିକ କରି ନିଜର ବ୍ୟାଙ୍କ ତଥ୍ୟ ଦାଖଲ କରିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଜାଣତରେ ପର୍ଯ୍ୟାୟକ୍ରମରେ ୪ ଲକ୍ଷ ଟଙ୍କା ଉଠାଣ ହୋଇଥିଲା। ଏ ନେଇ ଯାଞ୍ଚ ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ସାଇବର ଥାନାକୁ ଯାଇ ଏନେଇ ଅଭିଯୋଗ କରିଥିଲେ।

# ରଷିମାଳ ପାହାଡ଼ରେ ହାତୀପଲ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୧୨।୨ (ଅରୁଣ ସାହୁ /ମନୋରଞ୍ଜନ ରଣା)

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ବନାଞ୍ଚଳ ହାତୀମୁଣ୍ଡା ପଞ୍ଚାୟତ ଅଞ୍ଚଳରେ ବଣୁଆ ହାତୀଙ୍କ ଚଳ ପ୍ରଚଳ ଦେଖି ଲୋକ ଭୟଭୀତ ହୋଇପଡ଼ିଛନ୍ତି। ପ୍ରକାଶ ଯେ, ଉକ୍ତ ବନାଞ୍ଚଳର ହାତୀମୁଣ୍ଡା ପଞ୍ଚାୟତର ତାମଙ୍ଗି, ହାତିମୁଣ୍ଡା, ବୁଜୁଲି ଆଦି ଗ୍ରାମର ଚାଷ ଜମି ଗୁଡ଼ିକ ରେ ହାତୀ ପାଦ ଚିହ୍ନ ସହ ମାଳତ୍ୟାଗ କରିଥିବା ଦେଖିବାକୁ ମିଳିଛି। ଏହା ବଣୁଆ ହାତୀ ହୋଇଥାଇ ପାରନ୍ତି ବୋଲି ଆଶଙ୍କା କରାଯାଇଛି। ବ୍ରାହ୍ମଣୀଗାଁ ବନାଞ୍ଚଳ ପକ୍ଷରୁ କୁହାଯାଇଛି ଯେ, ଗୋଟିଏ ମା' ହାତୀ ସହ ଛୁଆ ହାତୀ ବୁଲୁଛି। ଏହି ଜଙ୍ଗଲରୁ ସେହି ଜଙ୍ଗଲ ଘୁରି ବୁଲୁଥିବାରୁ ଅଞ୍ଚଳବାସୀ ଭୟରେ କେହି ଜଙ୍ଗଲକୁ ଯାଉନାହାନ୍ତି। କୁହାଯାଉଛି ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଆସିଥିବା ବେଳେ ଏହି ଦୁଇ ହାତୀ ପଲଙ୍କ ମଧ୍ୟରୁ ଅଲଗା ହୋଇ ହୋଇ ସାଥି ହାତୀଙ୍କୁ ଖୋଜୁଥାଇ ପାରନ୍ତି । ରାତି ହେଲେ ମା' ଓ ଛୁଆ ହାତୀ ଗାଁ ମୁହାଁ ହେଉଥିବା ପ୍ରତ୍ୟକ୍ଷଦର୍ଶୀ କହୁଛନ୍ତି। ସେଥି ଯୋଗୁ ଲୋକେ ସନ୍ଧ୍ୟା ହେଲେ ଘର ଭିତରେ ରହୁଛନ୍ତି। ବ୍ରାହ୍ମଣୀଗାଁ ବନ ବିଭାଗ ଖବର ପାଇବା ପରେ ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଗଦାପୁର ବନପାଳ ଏବଂ ବ୍ରାହ୍ମଣୀଗାଁ ବନପାଳ ଓ ତାଙ୍କ ଟିମ୍ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି।

# ଲୋଭ ଦେଖାଇ ମହିଳାଙ୍କଠାରୁ ୧୦ ଲକ୍ଷ ଠକେଇ, ଯୁବକ ଗିରଫ

ପାରଳାଖେମୁଣ୍ଡି,୧୨।୨(ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ପାରଳାଖେମୁଣ୍ଡିରେ ଜଣେ ଯୁବକ ନିଜକୁ ଓକିଲ ପରିଚୟ ଦେଇ ଗୋଟିଏ ପରିବାର ସହ ବିଶ୍ୱାସ ଜନ୍ମାଇ ଘରର ମହିଳାଙ୍କଠୁ ୧୦ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ବୁଧବାର ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେ ହେଲେ ପାରଳାଖେମୁଣ୍ଡି ଦାଣ୍ଡମାଳା ସାହିର କେ.ଅଭିଷେକ (୨୬)। ଅଭିଷେକ ଗତ ଅଗଷ୍ଟ ମାସରେ ନିଜକୁ ଜଣେ ଓକିଲ ବୋଲି ପରିଚୟ ଦେଇ ସହରର ଏକ ପରିବାର ସହ ପରିଚିତ ହୋଇଥିଲେ। ଉକ୍ତ ପରିବାରର ମହିଳାଙ୍କଠାରୁ ପ୍ରଥମେ ସେ ୬୫ ହଜାର ଟଙ୍କା ନେଇ ତାହାର ସୁଧ ଦେବେ ବୋଲି କହିଥିଲେ। ପରେ ବିଶ୍ୱାସ ଜନ୍ମାଇ ମହିଳାଙ୍କ ୨୪ ଗ୍ରାମ ଓଜନର ଗୋଟିଏ ସୁନାଗହଣା ନେଇ ଶ୍ରୀକାକୁଲମ ମଣିପୁରମ ଗୋଲଡ଼ ବ୍ୟାଙ୍କରେ ବନ୍ଧା ପକାଇ ୯୮ ହଜାର ଋଣ ଆଣି ଖର୍ଚ୍ଚ କରିଥିଲେ। ଏଭଳି ବିଭିନ୍ନ ସମୟରେ ସେ ୮ଲକ୍ଷ ନେଇଥିଲେ। ବନ୍ଧା ପଡିଥିବା ସୁନାକୁ ମୁକୁଳାଇ ଆଣିଦେବା ସହ ସମସ୍ତ ଟଙ୍କାର ସୁଧ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ସୁଧ କି ମୂଳ ଟଙ୍କା କି ସୁନା କିଛି ବି ନ ମିଳିବାରୁ ମହିଳା ଜଣକ ନିରୁପାୟ ହୋଇ ପରିବାର ଲୋକଙ୍କୁ


ଗିରଫ ଅଭିଯୁକ୍ତ କେ.ଅଭିଷେକ।

ଜଣାଇଥିଲେ। ପରିବାର ତରଫରୁ ଏ ସମ୍ପର୍କରେ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗକ୍ରମେ ପୋଲିସ ନଂ.୩୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଅଭିଷେକଙ୍କୁ ଧରି ପଚରାଉଚରା କରିବା ସମୟରେ ସେ ସମସ୍ତ ଘଟଣାକୁ ସ୍ୱୀକାର କରିଥିବା ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି । ତେବେ ଅଭିଯୁକ୍ତ ଜଣକ ଏହା ପୂର୍ବରୁ ଗତବର୍ଷ ମେ ମାସରେ ସମାନ ଢ଼ଙ୍ଗରେ ପାରଳାଖେମୁଣ୍ଡିର ଅନ୍ୟ ଏକ ପରିବାରର ମହିଳାଙ୍କୁ ହାତକରି ଲକ୍ଷାଧିକ ଟଙ୍କା ଓ ସୁନା ଠକି ନେଇଥିଲେ। ସେ ସମୟରେ ତାଙ୍କ ବିରୋଧରେ ପାରଳାଖେମୁଣ୍ଡି ଥାନାରେ ୧୮୭/୨୪ରେ ମାମଲା ରୁଜୁ କରାଯାଇ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେ ଜାମିନରେ ଆସି ପୁଣି ସମାନ ଠକେଇ କରିଥିଲେ। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଅଭିଷେକଙ୍କ ପାଖରୁ ଏକ ଗୋଟିଏ ଆଇଫୋନ, ମଣିପୁରମ ଗୋଲଡ ଲୋନ ଶ୍ରୀକାକୁଳମର ରସିଦ ଓ ଅନେକ ଦସ୍ତାବିଜ ଜବତ କରିଛି।

## ରେଲ୍‌ୱେ ଷ୍ଟେଶନରେ ଅସ୍ଥାୟୀ ଇନ୍‌କ୍ୱାରି କାଉଣ୍ଟର

ବ୍ରହ୍ମପୁର,୧୨।୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ରେଲୱେ ଷ୍ଟେଶନର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ଫଳରେ ପୂର୍ବରୁ ରହିଥିବା ଇନକ୍ୱାରି କାଉଣ୍ଟର ବନ୍ଦ ହୋଇ ରହିଛି। ଫଳରେ ଯାତ୍ରୀମାନେ କୌଣସି ଟ୍ରେନ ତଥ୍ୟ ଓ ସମୟ ସଂପର୍କରେ ଜାଣିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରେଲୱେ ବିଭାଗ ପକ୍ଷରୁ ଷ୍ଟେସନର ଅଣ ସଂରକ୍ଷିତ ଟିକଟ କାଉଣ୍ଟର ନିକଟରେ ଇନକ୍ୱାରି ତଥା ସହଯୋଗ କାଉଣ୍ଟର ସ୍ଥାନାନ୍ତର କରାଯାଇଛି। ଯଦ୍ୱାରା ଯାତ୍ରୀମାନେ ଟିକଟ କିଣିବା ସମୟରେ ଟ୍ରେନ ସଂପର୍କରେ ଆବଶ୍ୟକୀୟ ସୂଚନା ପାଇପାରିବେ। ଯାତ୍ରୀଙ୍କ ଗତିବିଧି ଓ ଭିଡ ନିୟନ୍ତ୍ରଣରେ ସର୍ବନିମ୍ନ ବ୍ୟାଘାତ ସୁନିଶ୍ଚିତ କରି ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଲିଛି। ଯାତ୍ରୀଙ୍କ ସୁବିଧା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ରେଲୱେ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି।



# ୨ ଜଙ୍ଗଲ ଘୂରି ବୁଲୁଛନ୍ତି ୧୬ ହାତୀ


ହାତୀପଲ

ବାଲିଗୁଡ଼ା,୧୨।୨(ସଞ୍ଜୟ କୁମାର ପାଣିଗ୍ରାହି)

ବାଲିଗୁଡା ବନାଞ୍ଚଳ ଅନ୍ତର୍ଗତ ଖମନଖୋଲ ଓ ପୋଖରୀବନ୍ଧ ଜଙ୍ଗଲରେ ୧୬ ଟିକିଆ ହାତୀପଲ ଜଙ୍ଗଲରୁ ଜଙ୍ଗଲକୁ ଘୁରି ବୁଲୁଛନ୍ତି। ସୂଚନାଯୋଗ୍ୟ ଯେ, କିଛିଦିନ ଧରି ଖମନଖୋଲ ଓ ପୋଖରୀବନ୍ଧ ମଧ୍ୟରେ ଥିବା ଜଙ୍ଗଲ ସେସକା, କାଣିବାରୁ, କଂଜାଲଗୁ, ଜାଲିସୁଗା ଆଦି ଜଙ୍ଗଲରେ ସେମାନେ ଚଳପ୍ରଚଳ କରୁଛନ୍ତି। ଦିନ ତମାମ ଜଙ୍ଗଲରେ ରହୁଛନ୍ତି ରାତି ହେଲେ ଗାଁ ମୁହାଁ ହେଉଛନ୍ତି କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି ହାତୀପଲ କିଛି କ୍ଷୟକ୍ଷତି କରିନାହାନ୍ତି। ବାଲିଗୁଡ଼ା ବନାଞ୍ଚଳ ଅଧିକାରୀ ଡି.ସୁବାଷ ଚନ୍ଦ୍ର କହିଛନ୍ତି ୧୬ ଟିକିଆ ହାତୀପଲ ପୋଖରୀବନ୍ଧ ଓ ଖମନଖୋଲ ଜଙ୍ଗଲ ମଧ୍ୟରେ ରହିଛନ୍ତି। ସେମାନଙ୍କ ଗତିବିଧି ଉପରେ ଆମେ ନଜର ରଖିଛୁ ଓ ହାତୀପଲ ଜଙ୍ଗଲରେ ହିଁ ରହୁଛନ୍ତି କୌଣସି ଗାଁକୁ ଆସି କିଛି କ୍ଷୟକ୍ଷତି କରିନାହାନ୍ତି। ଜଙ୍ଗଲ ପ୍ରାଣୀ ଜଙ୍ଗଲରେ ରହିବେ, ହାତୀପଲ ରହୁଥିବା ଜଙ୍ଗଲର ନିକଟବର୍ତ୍ତୀ ଗାଁ ମାନଙ୍କରେ ଆମେ ଲୋକଙ୍କୁ ସଚେତନତା କରାଇଛୁ ବୋଲି କହିଛନ୍ତି।

# ଭାଜପାର ମିଶ୍ରଣ ପର୍ବ

ପାତ୍ରପୁର,୧୨।୨(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଭୀମପୁର ଗ୍ରାମରେ ବୁଧବାର ଟିକିଟି ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଲା। ଗ୍ରାମର ବିଜୟ ରଣା, ରାମନାଥ ରଣା, ପିଙ୍କୁ, ସୁଦାମ ରଣା, କାହ୍ନୁ ରଣା, ସୂର୍ଯ୍ୟ ରଣା, ପ୍ରଦୀପ ରଣା, ନାରାୟଣ ରଣା ପ୍ରମୁଖଙ୍କ ସମେତ ୨୬ଟି ପରିବାର ଭାଜପାରେ ସାମିଲ ହୋଇଥିଲେ। ଏଥିରେ ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ.ସଂଯୁକ୍ତା, ସମାନ୍ତିଆପଲ୍ଲୀ ଓ ଜୟନ୍ତୀପୁର ସରପଞ୍ଚ, ସମାନ୍ତିଆପଲ୍ଲୀ ସମିତି ସଭ୍ୟଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଦଳର ଭୁବନେଶ୍ୱର ଗସ୍ତ



ଭୁବନେଶ୍ୱର ଗସ୍ତରେ ଯିବାକୁ ଥିବା ପ୍ରତିଯୋଗୀମାନେ।

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ବୁଧବାର ପୁରୁଷ କ୍ରିକେଟ ଦଳ ଭୁବନେଶ୍ୱର ସ୍ଥିତ କିଟ ବିଶ୍ୱବିଦ୍ୟାଳୟ ଗସ୍ତ କରିଛନ୍ତି। ସେଠାରେ ଗୁରୁବାରଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ଏମାନେ ଭାଗ ନେବେ। ଦଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ଜିତେନ୍ଦ୍ର ବେହେରା, ଶାନ୍ତନୁ କୁମାର ସାମଲ, ସାର୍ଥକ ଦର୍ଶନ ଜାଲ୍ଲୀ, ସନ୍ଦୀପ କୁମାର ମୂର୍ତ୍ତି, ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ସୌରଭ କୁମାର ପ୍ରଧାନ, ଟିକିଟି ମହାବିଦ୍ୟାଳୟର ଆଦିତ୍ୟ ଦାଶ, ଅଭିଜିତ ମହାପାତ୍ର, ସୋମ ମହାପାତ୍ର, ଆସିକା ସାଇନ୍ସ କଲେଜର ମନୋଜ କୁମାର ନାହାକ, ଗୋପାଳପୁର କଲେଜର ଟୁଲା ଆୱାନ, ଜି. ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ବୀରେନ୍ଦ୍ର କୁମାର ପ୍ରଧାନ, ରମ୍ଭା ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଚିତ୍ରସେନ ବେହେରା, ଜୟପୁର ଭି. ଦେବ କଲେଜର ଆଦିତ୍ୟ ଶତପଥୀ, ଶିମିଳିଗୁଡ଼ା କଲେଜର ମନୋଜ କୁମାର ନାୟକ, ଭଞ୍ଜନଗର କେ.ଏସ.ୟୁ.ବି କଲେଜର ବ୍ଲେଶନ ପ୍ରଧାନ, ପାରଳାଖେମୁଣ୍ଡି ଏସ. କେ. ସି. ଜି କଲେଜର ରୋହନ ଜେନା ଅଛନ୍ତି। ମ୍ୟାନେଜର ଭାବେ ପାଟପୁର ବି. ଆର ସାଇନ୍ସ କଲେଜର ପିଇଟି ଲକ୍ଷ୍ମଣ କୁମାର ସାହୁ, କୋଚ ଭାବେ ବ୍ରହ୍ମପୁରର ଡ଼.ସୌମେରେନ୍ଦ୍ର କୁମାର ସାହୁ ଦଳରେ ଗସ୍ତ କରିଛନ୍ତି। କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ, ଡ଼. ସୁବ୍ରତ କୁମାର ସାହୁ, ପ୍ରଣବ କୁମାର ପଟ୍ଟନାୟକ, ଜାନକୀରାମ,ସତ୍ୟବ୍ରତ ସାହୁ, ରବି ଚରଣ ମିଶ୍ର, ରାଜେଶ କୁମାର ମହାନ୍ତି, ସୁନିତା ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଗୋଛାପଡ଼ାକୁ ବ୍ଲକ୍ ଦାବିରେ ବିକ୍ଷୋଭ

ଫୁଲବାଣୀ,୧୨।୨(ରାକେଶ କୁମାର ରାଉତ)

ବହୁ ଦିନରୁ ଫିରିଙ୍ଗିଆ ବ୍ଲକରେ ଥିବା ଗୋଛାପଡ଼ା ଥାନା ଅଞ୍ଚଳକୁ ଏକ ବ୍ଲକ୍‌ରେ ପରିଣତ କରିବାକୁ ଦାବି ହୋଇ ଆସୁଛି। ବୁଧବାର ଦୀର୍ଘ ଦିନ ଧରି ରହିଥିବା ଏହି ଅସନ୍ତୋଷ ଆନ୍ଦୋଳନ ରୁପ ନେଇଛି । ଗୋଛାପଡ଼ା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏକ ବିଶାଳ ରାଲି ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିକାଶ ପରିଷଦ କର୍ମକର୍ତ୍ତାଙ୍କ ନେତୃତ୍ୱରେ ବହୁ ଜନସାଧାରଣ ଫୁଲବାଣୀ ଜଗନ୍ନାଥ ମନ୍ଦିରରୁ ଏକ ବିଶାଳ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ଏହା ପରେ ଏକ ପ୍ରତିନିଧି ଦଳ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ଅଙ୍ଗଦ କହଁର କହିଛନ୍ତି ଯେ, ମୁଁ ବ୍ୟକ୍ତିଗତ ଭାବେ ବିଧାୟକ ଥିବା ବେଳେ ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ବାରମ୍ବାର ଗୋଛାପଡ଼ାକୁ ବ୍ଲକରେ ପରିଣତ କରିବା ପାଇଁ ଦାବି କରି ଆସିଛି । ସେତବେଳେ ଜନଗଣନା ହୋଇ ନ ଥିବାରୁ କାର୍ଯ୍ୟ ଆଗେଇ ପାରି ନ ଥିଲା। ତଥାପି ଗୋଛାପଡ଼ାକୁ ବ୍ଲକ କରାଯିବ ବୋଲି ଆମକୁ ପ୍ରତିଶ୍ରୁତି ଦିଆ ଯାଇଥିଲା।



ବ୍ଲକ ଦାବିରେ ବିକ୍ଷୋଭ କରାଯାଉଛି ।

ଏବେ ଆମେ ରାଜ୍ୟ ସରକାରଙ୍କୁ ଦାବି ଜଣାଉଛୁ କି ଏ ଦିଗରେ ଦୃଷ୍ଟି ଦେଇ ଗୋଛାପଡ଼ାକୁ ତୁରନ୍ତ ବ୍ଲକରେ ପରିଣତ କରନ୍ତୁ । ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ। ସେହିପରି ଆଞ୍ଚଳିକ ବିକାଶ ପରିଷଦ ସଭାପତି ରୋହିତ କହଁର ମଧ୍ୟ ଅନୁରୁପ କଥା କହିଛନ୍ତି। ପୂର୍ବତନ ବିଧାୟକ ଅଙ୍ଗଦଙ୍କ ନେତୃତ୍ୱରେ ନବକିଶୋର କହଁର, ବିଷ୍ଣୁ ଚରଣ ମଲ୍ଲିକ, ଉପ ସଭାପତି ବିଶ୍ୱରଞ୍ଜନ କହଁର, ଜନ୍ମେଶ୍ୱର କହଁରଙ୍କ ସମେତ ବହୁ ଜନସାଧାରଣ ଏହି ବିକ୍ଷୋଭରେ ସାମିଲ ଥିଲେ । ସୂଚନାଯୋଗ୍ୟ, ଗୋଛାପଡ଼ା ଥାନା ଅଧିନରେ ୯ଟି ପଞ୍ଚାୟତ ରହିଛି । ଏଠାରୁ ଫିରିଙ୍ଗିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ୩୦ରୁ ୮୦ କିମି ଦୂର । ଜିଲାର ଫିରିଙ୍ଗିଆ ଦ୍ୱିତୀୟ ବୃହତମ ବ୍ଲକ । ୨୦୧୧ ଜନଗଣନା ଅନୁସାରେ ଏଠାର ଲୋକ ସଂଖ୍ୟା ୮୩ ହଜାର ୮୧୯ । ୧୯୯୫ ମସିହାରୁ ଗୋଛପଡ଼ାକୁ ବ୍ଲକରେ ପରିଣତ କରିବା ପାଇଁ ଦାବି ହୋଇ ଆସୁଛି । ଏବେ ନୂତନ ସରକାରଙ୍କ ପକ୍ଷରୁ ନୂଆ ପଂଚାୟତ ସମିତି ଗଠନ ପାଇଁ ପ୍ରସ୍ତାବ ଆସିଛି । ତେଣୁ ଗୋଛାପଡ଼ାକୁ ଏଥିରେ ସାମିଲ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

